Odisha Sub-ordinate Staff Selection Commission
(OSSSC), Govt. of Odisha

# OSSSC CRE 2025

## Combined Recruitment Examination · Preliminary · Question Paper

**26 May 2026 · 12:30 PM - 2:00 PM** **Odia Version**

RI · ICDS Supervisor · VAW · JA · ARI · Amin · SFS | Official Answer Key

## About this Paper

This is the **OSSSC Combined Recruitment Examination (CRE) 2025** Preliminary written test (Advt. IIE-120/2025-3219) for the posts of Revenue Inspector, ICDS Supervisor, Village Agricultural Worker, Junior Assistant, Assistant Revenue Inspector, Amin & Statistical Field Surveyor — **26 May 2026, 12:30 PM - 2:00 PM** shift, **Odia version**, with the correct option marked as per the official answer key.

**Exam pattern:** 100 questions · 100 marks · 90 minutes. Sections: Mathematics 20, General Studies 20, English 20, Odia 15, Computer 15, Logical Reasoning 10. Marking: **+1** correct, **−0.25** wrong.

✓ Correct option (highlighted green)

### More from QMaths

Check your marks & All-India rank at **rank.qmaths.in**. Master English vocabulary with the **Blackbook** app.




***Toppers' Choice, Blackbook of English Vocabulary, Now available in App format : DOWNLOAD NOW***

## Quant

**Q1** Quant

ରବି 4.8 km/hr ହାରାହାରି ବେଗରେ 28 km ଏବଂ 5.2 km/hr ହାରାହାରି ବେଗରେ ଆଉ 28 km ଦୂରତା ଅତିକ୍ରମ କରିଥିଲେ । ସମଗ୍ର ଯାତ୍ରା ପାଇଁ ରବିର ହାରାହାରି ବେଗ (ପ୍ରାୟ) ନିର୍ଣ୍ଣୟ କର ।

- **A.** B. 4.8 km/hr
- **B.** C. 4.6 km/hr
- **C.** A. 5.0 km/hr ✓
- **D.** D. 5.8 km/hr

**Q2** Quant

A ଏବଂ B ଏକ ବ୍ୟବସାୟରେ ଯଥାକ୍ରମେ ₹40,000 ଏବଂ ₹60,000 ନିବେଶ କରନ୍ତି । ବର୍ଷ ଶେଷରେ, ମୋଟ ଲାଭ ₹1,00,000 ହେବ । ଲାଭରେ A ର ଭାଗ କେତେ?

- **A.** C. ₹40,000 ✓
- **B.** D. ₹50,000
- **C.** B. ₹60,000
- **D.** A. ₹70,000

**Q3** Quant

A ଓ B ଗୋଟିଏ କାର୍ଯ୍ୟକୁ 12 ଦିନରେ କରିପାରିବେ ଏବଂ B ଓ C ସମାନ କାର୍ଯ୍ୟକୁ 15 ଦିନରେ କରିପାରିବେ । ଯଦି C ଅପେକ୍ଷା A ଦୁଇଗୁଣ ଭଲ ଶ୍ରମିକ ହୁଏ, ତେବେ ଏକାକୀ C କାମ କରିବା ପାଇଁ କେତେ ସମୟ ନେବେ?

- **A.** 27 ଦିନ
- **B.** 33 ଦିନ
- **C.** 45 ଦିନ
- **D.** 60 ଦିନ ✓

**Q4** Quant

ତିନି ବନ୍ଧୁ ଅମିତ, ସୁମିତ ଓ ରାଣୀଙ୍କ ବୟସର ସମଷ୍ଟି 48 ବର୍ଷ ଅଟେ । ଅମିତଙ୍କ ବୟସ ସୁମିତଙ୍କ ବୟସର ଦୁଇଗୁଣ ଅଟେ । ରାଣୀଙ୍କ ବୟସ ସୁମିତଙ୍କ ବୟସ ଠାରୁ 4 ବର୍ଷ ଅଧିକ ଅଟେ । ସେମାନଙ୍କ ବୟସ ନିର୍ଣ୍ଣୟ କର ।

- **A.** A. ଅମିତ = 22 ବର୍ଷ, ସୁମିତ = 11 ବର୍ଷ, ଏବଂ ରାଣୀ = 15 ବର୍ଷ ✓
- **B.** B. ଅମିତ = 20 ବର୍ଷ, ସୁମିତ = 10 ବର୍ଷ, ଏବଂ ରାଣୀ = 15 ବର୍ଷ
- **C.** D. ଅମିତ = 30 ବର୍ଷ, ସୁମିତ = 15 ବର୍ଷ, ଏବଂ ରାଣୀ = 19 ବର୍ଷ
- **D.** C. ଅମିତ = 40 ବର୍ଷ, ସୁମିତ = 20 ବର୍ଷ, ଏବଂ ରାଣୀ = 24 ବର୍ଷ

**Q5** Quant

ଗୋଟିଏ ଶ୍ରେଣୀରେ 10 ଜଣ ବିଦ୍ୟାର୍ଥୀଙ୍କ ହାରାହାରି ବୟସ 11.5 ବର୍ଷ ଅଟେ । ଜଣେ ନୂତନ ବିଦ୍ୟାର୍ଥୀ ଶ୍ରେଣୀରେ ଯୋଗ ଦିଅନ୍ତି ଏବଂ ହାରାହାରି ବୟସ 12 ବର୍ଷ ହୋଇଯାଏ । ନୂତନ ବିଦ୍ୟାର୍ଥୀଙ୍କ ବୟସ ବର୍ଷରେ କେତେ ଅଟେ ?

- **A.** A. 19
- **B.** C. 17 ✓
- **C.** D. 15
- **D.** B. 13

**Q6** Quant

A ଓ B ଏକ ବ୍ୟବସାୟରେ 3 : 5 ଅନୁପାତରେ ନିବେଶ କରନ୍ତି । 6 ମାସ ପରେ A ତାଙ୍କର ପୁଞ୍ଜି ପ୍ରତ୍ୟାହାର କରି ନିଅନ୍ତି, କିନ୍ତୁ B 12 ମାସ ପାଇଁ ଜାରି ରଖନ୍ତି । ଯଦି ବର୍ଷ ଶେଷରେ ମୋଟ ଲାଭ ₹3,900 ହୁଏ, ତେବେ ଲାଭରେ A ର ଭାଗ ନିର୍ଣ୍ଣୟ କର ।

- **A.** C. ₹900 ✓
- **B.** D. ₹1,000
- **C.** A. ₹2,200
- **D.** B. ₹3,000

**Q7** Quant

ଏକ ଟେକ କମ୍ପାନୀ ଏକ ସ୍ମାର୍ଟୱାଚର ତାଲିକା ମୂଲ୍ୟ ₹4,000 ରଖିଛି ଏବଂ ଏକ ଫେଷ୍ଟିଭାଲ ସେଲ ସମୟରେ 25% ରିହାତି ପ୍ରଦାନ କରୁଛି । ୱାଚର ବିକ୍ରୟ ମୂଲ୍ୟ କେତେ?

- **A.** B. ₹2,500
- **B.** C. ₹2,800
- **C.** D. ₹3,000 ✓
- **D.** A. ₹3,200

**Q8** Quant

252 କୁ କେଉଁ କ୍ଷୁଦ୍ରତମ ପୂର୍ଣ୍ଣ ସଂଖ୍ୟା ଦ୍ୱାରା ଗୁଣନ କଲେ ଗୁଣଫଳ ଏକ ପୂର୍ଣ୍ଣ ବର୍ଗ ସଂଖ୍ୟା ହେବ?

- **A.** B. 2
- **B.** A. 3
- **C.** D. 4
- **D.** C. 7 ✓

Blackbook Vocabulary — Now in the App! ► Download Now on Google Play

**Q9** Quant

ତଥ୍ୟସେଟରେ ଥିବା ମୂଲ୍ୟଗୁଡ଼ିକ 2,3,3,5,6,7, x, 2x ଓ 5 ଅଟେ, ଯେଉଁଠାରେ x < 0 । ତଥ୍ୟସେଟ ର ଗରିଷ୍ଠକ (ଗୁଡ଼ିକ) ନିର୍ଣ୍ଣୟ କର ।

A. A. 3

B. C. 5

C. D. 3 ଏବଂ 5 ✓

D. B. 2x

**Q10** Quant

ଯଦି ଏକ ସମଘନର ଆୟତନ 117649 $m^3$ ହୁଏ, ତେବେ ସମଘନର ପାର୍ଶ୍ୱ ପୃଷ୍ଠତଳର କ୍ଷେତ୍ରଫଳ ($m^2$ ରେ) ନିର୍ଣ୍ଣୟ କର ।

A. B. 9604 ✓

B. A. 9595

C. C. 9611

D. D. 14406

**Q11** Quant

40 ର 20 % ଠାରୁ 65 ର 30 % କେତେ ଅଧିକ?

A. C. 11.5 ✓

B. B. 6.5

C. D. 8.5

D. A. 13.5

**Q12** Quant

A ଓ B ଏକାଠି କାମ କରି ଗୋଟିଏ କାମକୁ 5 ଦିନରେ ଶେଷ କରିପାରନ୍ତି । B ଏକାକୀ ସମାନ କାମକୁ 80 ଦିନରେ କରିପାରନ୍ତି । A ଏକାକୀ କାମର ତିନିଗୁଣ କରିବା ପାଇଁ କେତେ ସମୟ (ଦିନ ରେ) ନେବେ?

A. D. 16 ✓

B. C. 32

C. A. 48

D. B. 64

**Q13** Quant

4,305 ଟଙ୍କାକୁ X, Y ଏବଂ Z ଙ୍କ ମଧ୍ୟରେ ଏପରି ଭାବରେ ବଣ୍ଟାଯାଇଛି ଯେ, ଯଦି ସେମାନଙ୍କ ଅଂଶରୁ ଯଥାକ୍ରମେ ₹64, ₹56 ଏବଂ ₹81 ବିୟୋଗ କରାଯାଏ, ତେବେ ଅବଶିଷ୍ଟ ଧନରାଶି 3:19:14 ଅନୁପାତରେ ରହିବ । ବିୟୋଗ ପରେ X ର ଅଂଶ ନିର୍ଣ୍ଣୟ କର ।

A. A. ₹342 ✓

B. C. ₹492

C. B. ₹192

D. D. ₹242

**Q14** Quant

ଏକ ସାମଗ୍ରୀ ଉପରେ ଅର୍ଜିତ ଲାଭ 86% ଅଟେ । ଯଦି କ୍ରୟ ମୂଲ୍ୟ ଏବଂ ବିକ୍ରୟ ମୂଲ୍ୟର ସଂଖ୍ୟାଗୁଡ଼ିକୁ ପରସ୍ପର ମଧ୍ୟରେ ଅଦଳବଦଳ କରାଯାଏ, ତେବେ ବିକ୍ରୟରେ ହୋଇଥିବା କ୍ଷତି ପ୍ରତିଶତ (ଦଶମିକ ଦୁଇ ସ୍ଥାନ ପର୍ଯ୍ୟନ୍ତ ) କେତେ ହେବ?

A. 46.24% ✓

B. 48.07%

C. 45.83%

D. 45.28%

**Q15** Quant

ଯଦି ₹63,500 କୁ ବାର୍ଷିକ 10% ସୁଧ ହାରରେ 2 ବର୍ଷ ପାଇଁ ନିବେଶ କରାଯାଏ, ତେବେ ଚକ୍ରବୃଦ୍ଧି ସୁଧ (ବାର୍ଷିକ ଭାବେ ଚକ୍ରବୃଦ୍ଧି ହେଉଥିବା) ଏବଂ ସରଳ ସୁଧ ମଧ୍ୟରେ ଅନ୍ତର କେତେ?

A. C. ₹635 ✓

B. B. ₹644.70

C. A. ₹615

D. D. ₹638.40

**Q16** Quant

21 cm ଭୂମିବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ସରଳ ବୃତ୍ତଭୂମିକ କୋନର ବକ୍ର ପୃଷ୍ଠତଳର କ୍ଷେତ୍ରଫଳ 2310 $cm^2$ ଅଟେ । କୋନଟିର ଆୟତନ ($cm^3$ ରେ) ନିର୍ଣ୍ଣୟ କର । ($\pi$ = 22/7 ବ୍ୟବହାର କର)

A. C. 12186

B. D. 12846

C. A. 12936 ✓

D. B. 12456

**Q17** Quant

ରୋଶନ ବିନ୍ଦୁ A ରୁ ବିନ୍ଦୁ B କୁ 24 km/h ବେଗରେ ଦୌଡ଼ିଥାନ୍ତି ଏବଂ B ରୁ A କୁ 32 km/h ବେଗରେ ଫେରି ଆସନ୍ତି । ସମଗ୍ର ଯାତ୍ରା ପାଇଁ ତାଙ୍କର ହାରାହାରି ବେଗ ନିର୍ଣ୍ଣୟ କର । (ଦଶମିକ ଦୁଇ ସ୍ଥାନ ପର୍ଯ୍ୟନ୍ତ)

A. A. 27.83 km/h

B. C. 27.43 km/h ✓

C. D. 26.73 km/h

D. B. 28.17 km/h

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

**Q18** Quant

ଯଦିହୁଏ, ତେବେ= __________

A. $2+\sqrt{3}$

B. $\frac{2-\sqrt{3}}{2}$ ✓

C. 2

D. $\sqrt{3}$

**Q19** Quant

15 ର $\frac{4}{5}$ ଠାରୁ 60 ର 65% କେତେ ଅଧିକ ଅଟେ ?

A. C. 27 ✓

B. B. 24

C. A. 21

D. D. 25

**Q20** Quant

ର ମୂଲ୍ୟ ନିର୍ଣ୍ଣୟ କର ।

A. $\frac{23}{18}$

B. $\frac{27}{23}$

C. $\frac{34}{31}$

D. $\frac{47}{36}$ ✓

Blackbook Vocabulary — Now in the App! ► Download Now on Google Play

## GA

**Q21** GA

ଅଗଷ୍ଟ 2025 ରେ ଶୁଭାରମ୍ଭ ହୋଇଥିବା 'ଜ୍ଞାନ ଭାରତମ ମିଶନ' (Gyan Bharatam Mission) ନିମ୍ନଲିଖିତ ମଧ୍ୟରୁ କେଉଁଟି ସହିତ ଜଡ଼ିତ ଏକ ଜାତୀୟ ପଦକ୍ଷେପ ଅଟେ?

- **A.** A. ଭାରତର ପାଣ୍ଡୁଲିପି ଐତିହ୍ୟର ସଂରକ୍ଷଣ ଏବଂ ଡିଜିଟାଇଜେସନ ✓
- **B.** D. ସାର୍ବଜନୀନ ପାଠାଗାରର ଆଧୁନିକୀକରଣ
- **C.** C. ପାରମ୍ପରିକ ଭାରତୀୟ ନୃତ୍ୟ ଶୈଳୀର ପ୍ରୋତ୍ସାହନ
- **D.** B. ପାରମ୍ପରିକ ଶିକ୍ଷା ବ୍ୟବସ୍ଥାର ପ୍ରୋତ୍ସାହନ

**Q22** GA

ମଇ 2025 ରେ ULLAS କାର୍ଯ୍ୟକ୍ରମ ଅଧୀନରେ ଭାରତର ପ୍ରଥମ ପୂର୍ଣ୍ଣ ସାକ୍ଷର ରାଜ୍ୟ ଭାବରେ କେଉଁ ରାଜ୍ୟ ଉଭା ହୋଇଥିଲା?

- **A.** A. ମିଜୋରାମ ✓
- **B.** D. କେରଳ
- **C.** B. କର୍ଣ୍ଣାଟକ
- **D.** C. ସିକ୍କିମ

**Q23** GA

ଏକ ଯୌଗିକର ଆଣବିକ ବସ୍ତୁତ୍ୱ କିପରି ଗଣନା କରାଯାଏ ?

- **A.** B. ଗୋଟିଏ ଅଣୁରେ ଥିବା ସମସ୍ତ ପରମାଣୁର ପାରମାଣବିକ ବସ୍ତୁତ୍ୱ ଯୋଗ କରି ✓
- **B.** A. ପାରମାଣବିକ ବସ୍ତୁତ୍ୱକୁ 2 ଦ୍ୱାରା ଭାଗ କରି
- **C.** C. ପାରମାଣବିକ ବସ୍ତୁତ୍ୱର ହାରାହାରି ନେଇ
- **D.** D. ଏଭୋଗାଡ୍ରୋ ସଂଖ୍ୟା ଦ୍ୱାରା ପାରମାଣବିକ ବସ୍ତୁତ୍ୱକୁ ଗୁଣନ କରି

**Q24** GA

1919 ମସିହାରେ ଗୋପବନ୍ଧୁ ଦାସଙ୍କ ଦ୍ୱାରା ଆରମ୍ଭ ହୋଇଥିବା କେଉଁ ପତ୍ରିକା ଓଡ଼ିଶାରେ ସାଂସ୍କୃତିକ ଏବଂ ଜାତୀୟତାବାଦୀ ଚିନ୍ତାଧାରାର ପ୍ରସାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା?

- **A.** A. ଉତ୍କଳ ଦୀପିକା
- **B.** C. ସମାଜ ✓
- **C.** B. ସମ୍ବଲପୁର ହିତୈଷିଣୀ
- **D.** D. ଉତ୍କଳ ପ୍ରସଙ୍ଗ

**Q25** GA

2024–25 ଓଡ଼ିଶା ଅର୍ଥନୀତି ସର୍ବେକ୍ଷଣ (ସ୍ଥିର ମୂଲ୍ୟ, 2024–25 AE ) ଅନୁଯାୟୀ ଚଳିତ ବର୍ଷ କେଉଁ ଶିଳ୍ପ ଉପ-କ୍ଷେତ୍ର ସର୍ବାଧିକ ଅଭିବୃଦ୍ଧି ହାର ହାସଲ କରିଛି?

- **A.** B. ଖଣିଜ ଉତ୍ତୋଳନ ଓ ପଥର ଖାଦାନ
- **B.** A. ନିର୍ମାଣ ✓
- **C.** D. ଉତ୍ପାଦନ ପ୍ରକ୍ରିୟା
- **D.** C. ବିଦ୍ୟୁତ, ଗ୍ୟାସ, ଜଳ ଯୋଗାଣ ଏବଂ ଅନ୍ୟାନ୍ୟ ଉପଯୋଗିତା ସେବା

**Q26** GA

ନିମ୍ନଲିଖିତ ମାନଙ୍କ ମଧ୍ୟରୁ କିଏ ଚରମପନ୍ଥୀ ଗୋଷ୍ଠୀର ଜଣେ ପ୍ରମୁଖ ନେତା ଥିଲେ ଏବଂ 'ପଞ୍ଜାବ କେଶରୀ' ଭାବରେ ମଧ୍ୟ ପରିଚିତ ଥିଲେ?

- **A.** A. ବାଲ ଗଙ୍ଗାଧର ତିଳକ
- **B.** B. ବିପିନ ଚନ୍ଦ୍ର ପାଲ
- **C.** D. ଅରବିନ୍ଦ ଘୋଷ
- **D.** C. ଲାଲା ଲଜପତ ରାୟ ✓

**Q27** GA

ଓଡ଼ିଶାର କେଉଁ ଜିଲ୍ଲାରେ ଜୁନ 2025 ରେ ~₹28,084 କୋଟି ଟଙ୍କାର ଶିଳ୍ପ ପ୍ରକଳ୍ପ ଆରମ୍ଭ ହୋଇଥିଲା?

- **A.** C. ଖୋର୍ଦ୍ଧା
- **B.** A. ଗଞ୍ଜାମ ✓
- **C.** D. ସୁନ୍ଦରଗଡ
- **D.** B. ମୟୂରଭଞ୍ଜ

**Q28** GA

ଅକ୍ଟୋବର 2025 ରେ ଚିଲିକା ହ୍ରଦ ଉପରେ ଦେଖାଯାଇଥିବା ବିରଳ ଘୂର୍ଣ୍ଣିଝଡକୁ ସାଧାରଣତଃ କେଉଁ ନାମରେ ନାମିତ କରାଯାଇଥିଲା ?

- **A.** D. କାଳିଜାଇବର୍ତ୍ତ (Kalijaivarta)
- **B.** B. ହାତିଆଶୁଣ୍ଢ (Hatiasundha) ✓
- **C.** C. ଚିଲିକା-ଭର୍ଟେକ୍ସ (Chilika-Vortex)
- **D.** A. ନୀଳ ମେଘ

**Q29** GA

ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ବହିର୍ଜାତ ଭୂ-ଆକୃତିକ ପ୍ରକ୍ରିୟା (Exogenic Geomorphic Process) ନୁହେଁ?

- **A.** D. କ୍ଷୟ ହେବା (Weathering)
- **B.** C. ଭୂ-କ୍ଷୟ (Erosion)
- **C.** B. ଅବକ୍ଷେପଣ (Deposition)
- **D.** A. ଜ୍ୱାଳାମୁଖୀୟ ପ୍ରକ୍ରିୟା (Volcanism) ✓

**Q30** GA

2025 ମସିହାରେ, କେନ୍ଦ୍ର ସରକାର, ସମ୍ବିଧାନ (131 ତମ ସଂଶୋଧନ) ବିଲ, 2025 ମାଧ୍ୟମରେ ଭାରତୀୟ ସମ୍ବିଧାନର କେଉଁ ଧାରା ଅଧୀନରେ କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡିଗଡ଼କୁ ଅନ୍ତର୍ଭୁକ୍ତ କରିବାକୁ ପ୍ରସ୍ତାବ ଦେଇଥିଲେ?

- **A.** C. ଧାରା 239
- **B.** A. ଧାରା 240 ✓
- **C.** D. ଧାରା 241
- **D.** B. ଧାରା 242

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

**Q31** GA

ଅଗଷ୍ଟ 2025 ରେ କ୍ଲୁଚେଭସ୍କୋୟ ଜ୍ୱାଳାମୁଖୀ (Klyuchevskoy Volcano) ର ତୀବ୍ର ବିସ୍ଫୋରଣ ଯୋଗୁଁ ନିମ୍ନଲିଖିତ କେଉଁ ଦେଶ ଏହାର ବିମାନ ଚଳାଚଳ ସତର୍କତାକୁ 'ରେଡ (Red)' କୁ ବୃଦ୍ଧି କରିଥିଲା?

- **A.** A. ଋଷିଆ ✓
- **B.** B. ଚୀନ
- **C.** C. USA
- **D.** D. ଜାପାନ

**Q32** GA

ସୁକ୍ରୋଜ ସ୍ଥାନାନ୍ତରିତ ହେବା ପରେ କେଉଁ କାରଣରୁ ଜଳ ଫ୍ଲୋଏମ ଟିସୁ ମଧ୍ୟକୁ ପ୍ରବେଶ କରିଥାଏ?

- **A.** A. ବର୍ଦ୍ଧିତ ପାରସୃତିକ ଚାପ ✓
- **B.** B. ଦ୍ରବର କ୍ଷମତା ହ୍ରାସ
- **C.** D. ନିମ୍ନ ତାପମାତ୍ରା
- **D.** C. ଉଚ୍ଚ ଆଲୋକ ତୀବ୍ରତା

**Q33** GA

ଭାରତର ଉପଦ୍ୱୀପୀୟ ମାଳଭୂମିର ନିମ୍ନଲିଖିତ ନଦୀଗୁଡ଼ିକ ମଧ୍ୟରୁ କେଉଁଟି ଏକ ଗ୍ରସ୍ତ ଉପତ୍ୟକା (Rift Valley) ମଧ୍ୟ ଦେଇ ପ୍ରବାହିତ ହୁଏ?

- **A.** B. ଗୋଦାବରୀ
- **B.** A. କୃଷ୍ଣା
- **C.** D. ନର୍ମଦା ✓
- **D.** C. ମହାନଦୀ

**Q34** GA

ଯଦି ସରକାର ବିଲୁପ୍ତପ୍ରାୟ ବନ୍ୟଜନ୍ତୁମାନଙ୍କର ଦୀର୍ଘକାଳୀନ ସୁରକ୍ଷା ନିଶ୍ଚିତ କରିବାକୁ ଚାହାଁନ୍ତି, ତେବେ ଜାତୀୟ ଉଦ୍ୟାନର କେଉଁ ବିଶେଷତା ଏହି ଲକ୍ଷ୍ୟକୁ ସର୍ବାଧିକ ସହାୟତା କରିଥାଏ?

- **A.** D. ଆଞ୍ଚଳିକ ରାଜସ୍ୱ ବୃଦ୍ଧି ନିମନ୍ତେ ଅନିୟନ୍ତ୍ରିତ ବାଣିଜ୍ୟିକ ପର୍ଯ୍ୟଟନର ପ୍ରୋତ୍ସାହନ।
- **B.** A. ସ୍ଥାନୀୟ ସମ୍ପ୍ରଦାୟଙ୍କୁ ଉକ୍ତ ଅଞ୍ଚଳ ମଧ୍ୟରେ କୃଷି କାର୍ଯ୍ୟ କରିବାକୁ ଅନୁମତି ପ୍ରଦାନ କରିବା।
- **C.** C. ସରକାରୀ ନିୟନ୍ତ୍ରଣାଧୀନରେ ଶିଳ୍ପଗତ ବର୍ଜ୍ୟବସ୍ତୁ ପରିଚାଳନା ଅନୁମତି ପ୍ରଦାନ କରିବା।
- **D.** B. ମାନବ କାର୍ଯ୍ୟକଳାପରୁ ପ୍ରାକୃତିକ ବାସସ୍ଥାନକୁ ସମ୍ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରିବା। ✓

**Q35** GA

ମହାଭାରତର ତେଲୁଗୁ ଅନୁବାଦ କାହା ସହିତ ସଂପୃକ୍ତ?

- **A.** C. କାମ୍ବାନ, ରାନ୍ନା, ପିନ୍ନା (Kamban, Ranna, Pinna)
- **B.** B. ଫିରଦୌସୀ, ଆଲବରୁନୀ, ବାଣଭଟ୍ଟ (Firdausi, Alberuni, Vanabhatt)
- **C.** A. ନାନୟା, ଟିକ୍କାନା, ୟାରାପ୍ରଗଡା (Nannaya, Tikkana, Yarrapragada) ✓
- **D.** D. ଚାନ୍ଦ ବରଦାଇ, ପମ୍ପା, ରାନ୍ନା (Chand Bardai, Pampa, Ranna)

**Q36** GA

ଭାରତୀୟ ଇତିହାସ ପ୍ରସଙ୍ଗରେ ଅଲ-ବିରୁନୀ(Al-Biruni) କେଉଁଥିପାଇଁ ସର୍ବାଧିକ ଜଣାଶୁଣା?

- **A.** A. ଆଦ୍ୟ ମଧ୍ୟଯୁଗୀୟ ଭାରତୀୟ ଶାସକମାନଙ୍କର ରାଜସଭା ବୃତ୍ତାନ୍ତ ସଂକଳନ କରିବା
- **B.** D. ପ୍ରମୁଖ ସଂସ୍କୃତ ମହାକାବ୍ୟଗୁଡ଼ିକୁ ଫାର୍ସୀ ଭାଷାରେ ଅନୁବାଦ କରିବା
- **C.** B. ଭାରତୀୟ ସମାଜ, ସଂସ୍କୃତି ଏବଂ ବିଜ୍ଞାନର ବ୍ୟବସ୍ଥିତ ଅଧ୍ୟୟନ ଏବଂ ଡକୁମେଣ୍ଟିଙ୍ଗ ✓
- **D.** C. ଆଞ୍ଚଳିକ ଭାଷାରେ ଭକ୍ତି ସାହିତ୍ୟର ପ୍ରଚାର କରିବା

**Q37** GA

ନିମ୍ନଲିଖିତ ମଧ୍ୟରୁ କାହାର ଗତିଜ ଶକ୍ତି ସର୍ବାଧିକ ଅଟେ?

- **A.** A. 10 m/s ରେ ଗତି କରୁଥିବା ଏକ 2 kg ର ବସ୍ତୁ
- **B.** D. 5 m/s ରେ ଗତି କରୁଥିବା ଏକ 4 kg ର ବସ୍ତୁ
- **C.** C. 20 m/s ରେ ଗତି କରୁଥିବା ଏକ 1 kg ର ବସ୍ତୁ ✓
- **D.** B. 8 m/s ରେ ଗତି କରୁଥିବା ଏକ 3 kg ର ବସ୍ତୁ

**Q38** GA

ଭାରତରେ ହାରାହାରିଠାରୁ ଅଧିକ ମୌସୁମୀ, ଉଦ୍ଭିଦାଞ୍ଚଳକୁ କିପରି ପ୍ରଭାବିତ କରେ?

- **A.** D. ଫସଲ ଅମଳ ହ୍ରାସ କରେ
- **B.** B. ଘନ ଉଦ୍ଭିଦ ବୃଦ୍ଧିକୁ ସହାୟତା କରେ ✓
- **C.** C. ବନାଗ୍ନି ର କାରଣ ହୁଏ
- **D.** A. ମୃତ୍ତିକା ଗଠନକୁ ପ୍ରତିରୋଧ କରେ

**Q39** GA

ଭାରତୀୟ ସମ୍ବିଧାନର କେଉଁ ସଂଶୋଧନ ଅଧିନିୟମ ଲୋକସଭା ଏବଂ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ଭୋଟ ଦେବାର ବୟସ ସୀମାକୁ 21 ବର୍ଷରୁ 18 ବର୍ଷକୁ ହ୍ରାସ କରିଥିଲା?

- **A.** C. 86ତମ ସଂଶୋଧନ
- **B.** A. 96ତମ ସଂଶୋଧନ
- **C.** B. 61ତମ ସଂଶୋଧନ ✓
- **D.** D. 52ତମ ସଂଶୋଧନ

**Q40** GA

କେଉଁ ଭାରତୀୟ ଅର୍ଥନୀତିଜ୍ଞଙ୍କୁ ମାନବ ବିକାଶ ସିଦ୍ଧାନ୍ତ ଏବଂ ଦକ୍ଷତା ପଦ୍ଧତିର ପ୍ରବର୍ତ୍ତକ ଭାବରେ ବିବେଚନା କରାଯାଏ?

- **A.** B. ମନମୋହନ ସିଂହ
- **B.** C. କୌଶିକ ବସୁ
- **C.** A. ରଘୁରାମ ରାଜନ
- **D.** D. ଅମର୍ତ୍ୟ ସେନ ✓

Blackbook Vocabulary — Now in the App! ▶ Download Now on Google Play

## English

**Q41** English

Complete the sentence with the suitable option.
The next flight we tried was ------------ than the first one.

- **A.** C. most expensive
- **B.** A. expensive
- **C.** D. more expensive ✓
- **D.** B. expense

**Q42** English

Select the option that can be used as a one-word substitute for the underlined group of words.

Kim, known for being careful with spending money on herself, budgets her expenses and always looks for the best deals despite her substantial income.

- **A.** A. prodigal
- **B.** B. cordial
- **C.** D. frugal ✓
- **D.** C. regal

**Q43** English

Select the option that rectifies the underlined incorrectly spelt word in the given sentence.

Floating is splendid isolation, east of the Indian mainland is the archepelago of 572 emerald islands.

- **A.** C. archipilago
- **B.** A. archipelaego
- **C.** B. archipelago ✓
- **D.** D. archpelago

**Q44** English

Which sentence correctly uses the past perfect tense?

- **A.** B. By the time we arrived, the train left.
- **B.** D. By the time we arrived, the train has left.
- **C.** A. By the time we arrived, the train had left. ✓
- **D.** C. By the time we arrived, the train was leaving.

Blackbook Vocabulary — Now in the App! ► Download Now on Google Play

**Q45** English

There are four word-segments given below. Arrange the word-segments in the correct order to form a complete sentence.

A. fascinated by
B. the little girl
C. was completely
D. the magician's tricks

- **A.** C. B - C - A - D ✓
- **B.** A. A - B - C - D
- **C.** B. B - A - C - D
- **D.** D. C - D - A - B

**Q46** English

Select the option that can be used as a one-word substitute for the underlined group of words in the given sentence.

I went to a large <u>place where birds are kept</u> during my summer vacations.

- **A.** A. apiary
- **B.** D. sanctuary
- **C.** B. hatchery
- **D.** C. aviary ✓

**Q47** English

Choose the antonym for the highlighted word.
The mountain air was **<u>crisp</u>**, refreshing everyone who breathed it.

- **A.** D. fresh
- **B.** A. clean
- **C.** C. stale ✓
- **D.** B. cool

**Q48** English

Identify the antonym of the highlighted word in the sentence.
The teachers **<u>concurred</u>** to the decision of the Principal.

- **A.** A. approved
- **B.** B. differed ✓
- **C.** D. supported
- **D.** C. hesitated

**Q49** English

Replace the highlighted phrase with a suitable idiom
The manager's sudden resignation **<u>took everyone by surprise.</u>**

- **A.** A. Caught off guard ✓
- **B.** B. Let the cat out of the bag
- **C.** D. Spill the beans
- **D.** C. In the same boat

Blackbook Vocabulary — Now in the App! ► Download Now on Google Play
generated by rank.qmaths.in

**Q50** English

Choose the correct proverb to substitute the underlined section of the sentence.
Meera wanted to buy an expensive dress though she could hardly afford her rent. Her mother warned her to <u>not spend more than they earn</u>.

- **A.** C. Cut her coat according to her cloth ✓
- **B.** D. Penny wise, pound foolish
- **C.** B. Don't put all your eggs in one basket
- **D.** A. Look before you leap

**Q51** English

Select the correct Indirect Speech of the given sentence from the options given below.
Riya said, "I am preparing for the civil services examination.

- **A.** C. Riya said that she would prepare for the civil services examination.
- **B.** D. Riya said that she had prepared for the civil services examination.
- **C.** A. Riya said that she was preparing for the civil services examination. ✓
- **D.** B. Riya said that she had prepared for the civil services examination.

**Q52** English

In the given question, a statement is divided into different statements. The first segment is fixed, rearrange the other segments to form a coherent statement.

Yesterday, he carried/ the heavy weight up (A)/ any help, showing (B)/ the stairs without (C)/ great strength and determination (D)

- **A.** C. D C A B
- **B.** B. B A C D
- **C.** D. A C B D ✓
- **D.** A. A D C B

**Q53** English

> Read the passage and answer the questions that follow:
> Daily exercise plays a vital role in maintaining both physical and mental well-being. Engaging in regular physical activity helps strengthen the heart, improve muscle tone, and enhance overall stamina. Beyond physical benefits, exercise also contributes significantly to mental health by reducing stress, anxiety, and symptoms of depression. When individuals exercise, the body releases endorphins, often referred to as "feel-good" hormones, which elevate mood and promote a sense of happiness. Moreover, daily exercise fosters discipline and consistency, qualities that are essential for success in various aspects of life. It also improves concentration and cognitive function, making it particularly beneficial for students. Despite these advantages, many people neglect regular exercise due to busy schedules or lack of motivation. However, even simple activities such as walking, cycling, or stretching can make a noticeable difference. Incorporating exercise into daily routines is not merely a lifestyle choice but a necessity for long-term health and productivity.

Identify a suitable title for the passage:

- **A.** C. The Role of Exercise in Building Strong Muscles Only
- **B.** A. The Importance of Daily Exercise for Overall Well-being ✓
- **C.** B. The Challenges of Maintaining Fitness in Busy Lifestyles
- **D.** D. The Scientific Explanation Behind Physical Activity Benefits

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

**Q54** English

Identify the facts given in the passage:

A. C. Exercise always guarantees complete happiness in every individual

B. B. Exercise is only necessary for athletes and sports professionals

C. A. Exercise replaces the need for proper diet and nutrition

D. D. Exercise improves stamina and releases feel-good hormones ✓

**Q55** English

Identify the tone of the passage:

A. A. Critical and discouraging

B. C. Humorous and entertaining

C. B. Informative and encouraging ✓

D. D. Argumentative and biased

**Q56** English

Identify the structure of the passage:

A. D. General idea explained with supporting benefits and conclusion ✓

B. B. Problem presented followed by unrelated historical narration

C. A. Series of events arranged in strict chronological order

D. C. Dialogue between individuals discussing different viewpoints

**Q57** English

Select the correct summary for the passage:

A. A. Exercise is difficult to follow regularly due to modern lifestyles

B. B. Daily exercise improves health, mood, and overall life efficiency ✓

C. D. Only intense workouts are effective for physical fitness goals

D. C. Mental health depends entirely on external environmental factors

**Q58** English

Select the most suitable option to complete the sentence.
She finished her homework _______, impressing her teacher with her efficiency.

A. C. noisily

B. A. rarely

C. D. carelessly

D. B. quickly ✓

Blackbook Vocabulary — Now in the App! ► Download Now on Google Play

**Q59** English

Select the most appropriate article to fill in the blank. If no article is needed, select 'No article required'.

We watched ___ old movie on television last night.

- **A.** A. a
- **B.** C. an ✓
- **C.** B. the
- **D.** D. No article required

**Q60** English

Select the option that expresses the given sentence in passive voice.

We are watching a movie.

- **A.** A. A movie is being watched by us. ✓
- **B.** B. A movie was watched by us.
- **C.** D. A movie will be watched by us.
- **D.** C. A movie had been watched by us.

## Odia

**Q61** Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
Engineers use concrete and steel to build strong bridges.

- **A.** D. ଇଂଜିନିୟରମାନେ ମଜବୁତ ପୋଲ ନିର୍ମାଣ କରିବା ପାଇଁ କଂକ୍ରିଟ ଏବଂ ଷ୍ଟିଲ ବ୍ୟବହାର କରନ୍ତି। ✓
- **B.** C. ଇଞ୍ଜିନିୟର ଦୃଢ଼ ସେତୁ ନିର୍ମାଣ ପାଇଁ କଂକ୍ରିଟ୍ ଓ ଇସ୍ପାତ ବ୍ୟବହାର କରେ।
- **C.** B. ଇଞ୍ଜିନିୟରମାନେ ଦୃଢ଼ ସେତୁ ନିର୍ମାଣ କଂକ୍ରିଟ୍ ଓ ଇସ୍ପାତ ବ୍ୟବହାର କରନ୍ତି।
- **D.** A. ଇଞ୍ଜିନିୟରମାନେ ଦୃଢ଼ ସେତୁ ପାଇଁ କଂକ୍ରିଟ୍ ଇସ୍ପାତ ବ୍ୟବହାର କରନ୍ତି।

**Q62** Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
The Godavari is the second longest river in India after the Ganga.

- **A.** B. ଗଙ୍ଗା ନଦୀ ପରେ ଗୋଦାବରୀ ନଦୀ ଭାରତର ଦ୍ୱିତୀୟ ଦୀର୍ଘତମ ନଦୀ ଅଟେ। ✓
- **B.** A. ଗୋଦାବରୀ ଗଙ୍ଗା ପରେ ଭାରତ ଦ୍ୱିତୀୟ ଲମ୍ବା ନଦୀ ଅଛି।
- **C.** C. ଗୋଦାବରୀ ଭାରତର ଦ୍ୱିତୀୟ ଲମ୍ବା ନଦୀ ଗଙ୍ଗା ପରେ ଅଛନ୍ତି।
- **D.** D. ଗୋଦାବରୀ ଗଙ୍ଗା ପରେ ଭାରତର ଦ୍ୱିତୀୟ ଲମ୍ବା ନଦୀ ହେଲା।

**Q63** Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ମୁଁ ପ୍ରତିଦିନ ବ୍ୟାୟମ କରେ।

- **A.** B. I exercise every day. ✓
- **B.** A. I always exercise..
- **C.** D. I was doing exercise every day..
- **D.** C. Every day I am doing exercise.

Blackbook Vocabulary — Now in the App! ▶ Download Now on Google Play

## Q64 Odia

**ନିମ୍ନଲିଖିତ ଅନୁଚ୍ଛେଦର ବିଷୟବସ୍ତୁକୁ ଭଲଭାବରେ ପଢ଼ । ତା ତଳେ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ଚାରିଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ ଉତ୍ତରକୁ ଚୟନ କରନ୍ତୁ ।**

ଗହମ ହେଉଛି ଭାରତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶସ୍ୟ ଫସଲ ମଧ୍ୟରୁ ଗୋଟିଏ ଏବଂ ଏହା ଦେଶ ପାଇଁ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବାରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହା ମୁଖ୍ୟତଃ ଏକ ରବି ଫସଲ, ଅର୍ଥାତ୍ ଏହାକୁ ଶୀତଦିନେ ବୁଣାଯାଏ ଏବଂ ବସନ୍ତ ଋତୁରେ ଅମଳ କରାଯାଏ। ଗହମକୁ ବୃଦ୍ଧି ସମୟରେ ଥଣ୍ଡା ଏବଂ ଶୁଷ୍କ ଜଳବାୟୁ ଏବଂ ପାଚିବା ସମୟରେ ଉଷ୍ମ ସୂର୍ଯ୍ୟ କିରଣ ଆବଶ୍ୟକ ହୁଏ। ଗହମ ଚାଷ ପାଇଁ ଆଦର୍ଶ ତାପମାତ୍ରା ବୁଣା ସମୟରେ 10°C ରୁ 15°C ଏବଂ ପାଚିବା ସମୟରେ 20°C ରୁ 25°C ପର୍ଯ୍ୟନ୍ତ ହୋଇଥାଏ। ଏହାର ବୃଦ୍ଧି ପାଇଁ ପର୍ଯ୍ୟାପ୍ତ ଶୀତକାଳୀନ ବର୍ଷା, ପ୍ରାୟ 75-100 ସେ.ମି., କିମ୍ବା ନିୟନ୍ତ୍ରିତ ଜଳସେଚନ ଅତ୍ୟାବଶ୍ୟକ। ଭଲ ନିଷ୍କାସନ ହୋଇଥିବା ପଟୁ ମାଟି, ହ୍ୟୁମସ୍, ନାଇଟ୍ରୋଜେନ୍ ଏବଂ ଫସଫରସ୍ ଆଦି , ଗହମ ଚାଷ ପାଇଁ ସବୁଠାରୁ ଉପଯୁକ୍ତ। ସମତଳ ଏବଂ ମଧ୍ୟମ ଉର୍ବରତା ଥିବା ଅଞ୍ଚଳ ଗୁଡ଼ିକ ଅଧିକ ପରିମାଣର ଚାଷ ପାଇଁ ସହାୟକ ହୋଇଥିବା ବେଳେ କେନାଲ ଏବଂ ନଳକୂପ ବ୍ୟବହାର କରି ସମୟୋଚିତ ଜଳସେଚନ କରିବା ମଧ୍ୟ ଲାଭଦାୟକ ହୋଇଥାଏ ।

ଭାରତ ବିଶ୍ୱର ଶୀର୍ଷ ଗହମ ଉତ୍ପାଦନକାରୀ ଦେଶମାନଙ୍କ ମଧ୍ୟରେ ସ୍ଥାନିତ ହୋଇଛି , ଏବଂ ଇଣ୍ଡୋ- ଗାଙ୍ଗେୟ ସମତଳ ଅଞ୍ଚଳ ଦେଶର ମୁଖ୍ୟ ଗହମ କ୍ଷେତ୍ର ପାଲଟିଛି । ଉତ୍ତର ପ୍ରଦେଶ, ଭାରତରେ ସବୁଠାରୁ ଅଧିକ ଗହମ ଉତ୍ପାଦନ କରେ, ଏହା ପରେ ମଧ୍ୟପ୍ରଦେଶ ଦ୍ୱିତୀୟ ସ୍ଥାନରେ ରହିଛି, ଯାହା ଉନ୍ନତ ଜଳସେଚନ ଏବଂ କୃଷି ପ୍ରଯୁକ୍ତିବିଦ୍ୟା ଯୋଗୁଁ ଦ୍ରୁତ ଗତିରେ ଗହମ ଚାଷକୁ ବିସ୍ତାର କରିଛି। ପଞ୍ଜାବ ଏବଂ ହରିୟାଣା ସେମାନଙ୍କର ଉଚ୍ଚ ଉତ୍ପାଦକତା ସ୍ତର ମୁଖ୍ୟତଃ ଯାନ୍ତ୍ରିକୀକରଣ, ନିଶ୍ଚିତ ଜଳସେଚନ ଏବଂ ସବୁଜ ବିପ୍ଳବ ପରଠାରୁ ଉଚ୍ଚ-ଅମଳକ୍ଷମ କିସମ ଗ୍ରହଣ ପାଇଁ ବେଶ ଜଣାଶୁଣା । ଅନ୍ୟାନ୍ୟ ଯୋଗଦାନକାରୀ ରାଜ୍ୟଗୁଡ଼ିକ ମଧ୍ୟରେ ରାଜସ୍ଥାନ, ବିହାର ଏବଂ ଗୁଜରାଟ ମଧ୍ୟ ଅନ୍ତର୍ଭୁକ୍ତ | ତେବେ ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ କମ୍ ପରିମାଣରେ ଗହମ ଉତ୍ପାଦନ କରନ୍ତି। ହରିୟାଣାର ହିସାର ଏବଂ କର୍ଣ୍ଣାଲ, ଉତ୍ତର ପ୍ରଦେଶର ଗଙ୍ଗା-ଯମୁନା ଦୋଆବ ଏବଂ ମଧ୍ୟପ୍ରଦେଶର ଇନ୍ଦୋର ଭଳି ଜିଲ୍ଲାଗୁଡ଼ିକ ଉଲ୍ଲେଖନୀୟ ଗହମ ଚାଷକାରୀ ଅଞ୍ଚଳ ଅଟନ୍ତି । ଆଧୁନିକ କୃଷି କୌଶଳ, ଉନ୍ନତ ବିହନ ଏବଂ ଜଳସେଚନ ସୁବିଧା ଉପରେ ଅଧିକ ଗୁରୁତ୍ୱ ଦେଇ ଭାରତ, ଜାତୀୟ ଖାଦ୍ୟ ସୁରକ୍ଷାରେ ଏକ ପ୍ରମୁଖ ଅବଦାନକାରୀ ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରି ଗହମ ଉତ୍ପାଦନ ବୃଦ୍ଧି କରିଚାଲିଛି।

ଭାରତରେ ଗହମ ମୁଖ୍ୟତଃ କେଉଁ ଫସଲ ଭାବେ ଚାଷ କରାଯାଏ?

- **A.** B. ଖରିଫ ଫସଲ
- **B.** C. ରବି ଫସଲ ✓
- **C.** A. ଜୈବ ଫସଲ
- **D.** D. ଗ୍ରୀଷ୍ମ ଫସଲ

## Q65 Odia

ଗହମ ବୁଣା ପାଇଁ ଆଦର୍ଶ ତାପମାତ୍ରା କେଉଁଟି ?

- **A.** A. 20°C–30°C
- **B.** C. 5°C–10°C
- **C.** D. 10°C–15°C ✓
- **D.** B. 30°C–35°C

## Q66 Odia

ଭାରତରେ କେଉଁ ରାଜ୍ୟ ସର୍ବାଧିକ ଗହମ ଉତ୍ପାଦନ କରେ?

- **A.** B. ହରିୟାଣା
- **B.** C. ପଞ୍ଜାବ
- **C.** A. ଉତ୍ତର ପ୍ରଦେଶ ✓
- **D.** D. ମଧ୍ୟପ୍ରଦେଶ

## Q67 Odia

ଗହମ ଚାଷ ପାଇଁ କେଉଁ ପ୍ରକାରର ମାଟି ସବୁଠାରୁ ଉପଯୁକ୍ତ?

- **A.** B. କଳା ମାଟି
- **B.** D. ପଟୁ ମାଟି ✓
- **C.** A. ଲୁହା ପଥର ମାଟି
- **D.** C. ବାଲିଆ ମାଟି

Blackbook Vocabulary — Now in the App! ▶ Download Now on Google Play

**Q68** Odia

ଭାରତରେ ପ୍ରମୁଖ ଗହମ ଚାଷ କରୁଥିବା ସମତଳ ଅଞ୍ଚଳଗୁଡ଼ିକ କେଉଁଟି ?

- **A.** D. ଗୋଦାବରୀ ସମତଳ ଭୂମି
- **B.** A. ଇଣ୍ଡୋ-ଗାଙ୍ଗେୟ ସମତଳ ଭୂମି ✓
- **C.** C. ବ୍ରହ୍ମପୁତ୍ର ସମତଳ ଭୂମି
- **D.** B. ଉପକୂଳବର୍ତ୍ତୀ ସମତଳ ଭୂମି

**Q69** Odia

ସହସା ଝଡ ତୋଫାନ ଆସିଲା । ଏହି ବାକ୍ୟରେ ଅବ୍ୟୟ ପଦର ବ୍ୟବହାର ଦ୍ୱାରା ଗଠିତ କ୍ରିୟା ବିଶେଷଣ କିଏ ?

- **A.** D. ସହସା ✓
- **B.** A. ଝଡ
- **C.** C. ତୋଫାନ
- **D.** B. ଆସିଲା

**Q70** Odia

"ବିରାଡ଼ି ଛିଙ୍କିବା" ଏହି ରୂଢିଟିର ଅର୍ଥ ଚୟନ କର ।

- **A.** B. ଅନୁକୂଳ ବିଗିଡ଼ି ଯିବା ✓
- **B.** C. ଉପେକ୍ଷା କରିବା
- **C.** A. ଠକିବା
- **D.** D. ଧର୍ଯ୍ୟ ଧରିବା

**Q71** Odia

ନିମ୍ନଲିଖିତ ମଧ୍ୟରୁ ତତ୍ସମ ଶବ୍ଦ କିଏ ?

- **A.** A. ନିଅଁ
- **B.** D. ପାନିଆଁ
- **C.** B. ମେଘ ✓
- **D.** C. ଡେଙ୍ଗା

**Q72** Odia

ଗୀତା ମୁଖ୍ୟମନ୍ତ୍ରୀଙ୍କୁ ଅନେକଥର ଚିଠି <u>ଲେଖିଛି</u> । ରେଖାଙ୍କିତ ପଦଟି କେଉଁ କ୍ରିୟାପଦ ଚିହ୍ନଟ କର ?

- **A.** B. ଦ୍ୱିକର୍ମକ କ୍ରିୟା ✓
- **B.** A. ଅମିଶ୍ର କ୍ରିୟା
- **C.** D. ମିଶ୍ର କ୍ରିୟା
- **D.** C. ଧ୍ୱନାତ୍ମକ କ୍ରିୟା

**Q73** Odia

'ସ୍ୱାବଲମ୍ବୀ ହେବା'- ଏହି ଅର୍ଥ ବୁଝାଉଥିବା ଲୋକୋକ୍ତିଟି ଚିହ୍ନଟ କର ।

- **A.** C. ଆତୁରେ ନିୟମ ନାସ୍ତି
- **B.** A. ଆପଣା ଶିଙ୍ଗରେ ମାଟି ତାଡ଼ିବା ✓
- **C.** B. ଆପେ ବଞ୍ଚିଲେ ବାପର ନାଁ
- **D.** D. ଅଳପ ଧନ ବିକଳ ମନ

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

**Q74** Odia

କ୍ରିୟାପଦ କ'ଣ ସୂଚିତ କରେ ?

A. B. ବ୍ୟକ୍ତି

B. A. କାର୍ଯ୍ୟ ✓

C. D. ବସ୍ତୁ

D. C. ସମ୍ପର୍କ

**Q75** Odia

"ଆମ ଦେଶର ଉନ୍ନତି ପାଇଁ ଚେଷ୍ଟା କର" - ଏହି ବାକ୍ୟରେ 'ଉନ୍ନତି'ର ଶୁଦ୍ଧ ବନାନ କଣ?

A. A. ଉନତି

B. B. ଉନ୍ନତୀ

C. D. ଉନ୍ନତି ✓

D. C. ଉନତୀ

## Computer

**Q76** Computer

ପାୱାର ପଏଣ୍ଟ 2021 ରେ, ଇନସର୍ଟ ଟ୍ୟାବ ରେ ଥିବା 'ଷ୍ଟକ ଇମେଜସ (Stock Images)' ଫିଚର ମଧ୍ୟରେ ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ କେଉଁଟି ଉପଲବ୍ଧ ନାହିଁ?

A. B. କଟାଉଟ ପିପୁଲ

B. C. ଆଇକନସ

C. A. ଷ୍ଟିକରସ

D. D. ସ୍ମାର୍ଟଆର୍ଟ ✓

**Q77** Computer

କମ୍ପ୍ୟୁଟର ସିଷ୍ଟମରେ CPU ର ମୁଖ୍ୟ କାର୍ଯ୍ୟ କ'ଣ ଅଟେ?

A. C. ଡାଟା ଷ୍ଟୋର କରିବା

B. B. ଡିସପ୍ଲେ ଆଉଟପୁଟ

C. A. ଡାଟା ପ୍ରୋସେସ ଆଣ୍ଡ ଇନ୍ସଟ୍ରକସନ ✓

D. D. ଇଣ୍ଟରନେଟ ପ୍ରଦାନ କରିବା

**Q78** Computer

ମାଇକ୍ରୋସଫ୍ଟ ୱାର୍ଡରେ କେଉଁ ପରିସ୍ଥିତିରେ 'ସେଭ' ପରିବର୍ତ୍ତେ 'ସେଭ ଆଜ' ର ବ୍ୟବହାର ସର୍ବୋତ୍ତମ ଭାବରେ ଆବଶ୍ୟକ?

A. B. ଆପଣ ରିସେଣ୍ଟ ପରିବର୍ତ୍ତନ ସହିତ ବର୍ତ୍ତମାନର ଡକୁମେଣ୍ଟକୁ ଅପଡେଟ କରିବାକୁ ଚାହୁଁଛନ୍ତି

B. A. ଆପଣ ଏକ ନ୍ୟୁ ନେମ କିମ୍ବା ଭିନ୍ନ ଲୋକେସନ ରେ ଡକୁମେଣ୍ଟର ଏକ କପି ସୃଷ୍ଟି କରିବାକୁ ଚାହୁଁଛନ୍ତି ✓

C. C. ଆପଣ ଡକୁମେଣ୍ଟ ପ୍ରିଣ୍ଟ କରିବାକୁ ଚାହୁଁଛନ୍ତି

D. D. ଆପଣ ପରିବର୍ତ୍ତନଗୁଡିକ ସେଭ ନକରି ଡକୁମେଣ୍ଟକୁ କ୍ଲୋଜ କରିବାକୁ ଚାହାଁନ୍ତି

**Q79** Computer

ଏକ ନେଟୱାର୍କ ଡ୍ରାଇଭରେ ଷ୍ଟୋର ହୋଇଥିବା ଏକ ବିଦ୍ୟମାନ ଏକ୍ସେଲ ୱାର୍କବୁକ ଓପନ କରିବା ସମୟରେ, ଫାଇଲ ଆକସେସ ଏବଂ ଡାଟା ଇଣ୍ଟିଗ୍ରୀଟି ସମ୍ପର୍କରେ ନିମ୍ନଲିଖିତ କେଉଁ ବିବୃତିଟି **ଅଧିକ ସଠିକ** ଅଟେ?

A. C. ଏକାଧିକ ୟୁଜର କୌଣସି ପ୍ରତିବନ୍ଧକ ବିନା ଏକକାଳୀନ ସମାନ ଫାଇଲକୁ ମୁକ୍ତ ଭାବରେ ଏଡିଟ କରିପାରିବେ

B. B. ଏକ୍ସେଲ ଅଟୋମେଟିକ ଭାବରେ ୟୁଜରଙ୍କ ଅନୁମତି ବିନା ୱାର୍କବୁକକୁ ଏକ ସେୟାର ହୋଇଥିବା ଅନଲାଇନ ଡକ୍ୟୁମେଣ୍ଟରେ ରୂପାନ୍ତରିତ କରେ

C. D. ଯଦି ଅନ୍ୟ ଜଣେ ୟୁଜର ଡାଟା କନଫ୍ଲିକ୍ଟ (data conflicts) କୁ ରୋକିବା ପାଇଁ ୱାର୍କବୁକକୁ ଖୋଲା ରଖିଛନ୍ତି, ତେବେ ଏକ୍ସେଲ ଏହାକୁ ରିଡ-ଓନ୍ଲି ମୋଡରେ ଓପନ କରିପାରିବେ ✓

D. A. ସମସ୍ତ ୟୁଜର ନେଟୱାର୍କରୁ ଲଗ ଆଉଟ ନହେଲେ ୱାର୍କବୁକଟି ଓପନ କରାଯାଇପାରିବ ନାହିଁ

**Q80** Computer

କେଉଁ କଣ୍ଡିସନ ହେତୁ MS ପାୱାରପଏଣ୍ଟ 365 ରିଡ-ଓନଲି ମୋଡରେ ଏକ ପ୍ରେଜେଣ୍ଟେସନ ଓପନ କରିଥାଏ?

A. A. ଫାଇଲ ଏକ ଲୋକାଲ ଡ୍ରାଇଭରେ ଷ୍ଟୋର ହୋଇଛି

B. C. ଫାଇଲ ସମ୍ପୂର୍ଣ୍ଣ ଅନୁମତି ସହିତ OneDrive ରୁ ଖୋଲାଯାଇଛି

C. D. ଫାଇଲକୁ ଅନ୍ତିମ କିମ୍ବା ସୁରକ୍ଷିତ (final or protected) ଭାବରେ ମାର୍କ କରାଯାଇଛି ✓

D. B. ଫାଇଲକୁ ରିସେଣ୍ଟ ଲିଷ୍ଟରୁ ଓପନ କରାଯାଇଛି

Blackbook Vocabulary — Now in the App! ► Download Now on Google Play

**Q81** Computer

କମ୍ପ୍ୟୁଟର ବେଶିକ୍ସ (computer basics) ରେ ALU ଏବଂ CU ର ଅର୍ଥ କଣ ଅଟେ?

- **A.** A. ଅଟୋମେଟିକ ଲଜିକ ୟୁନିଟ & ସେଣ୍ଟ୍ରାଲ ୟୁନିଟ (Automatic Logic Unit & Central Unit)
- **B.** B. ଆରିଥମେଟିକ ଲଜିକ ୟୁନିଟ & କଣ୍ଟ୍ରୋଲ ୟୁନିଟ (Arithmetic Logic Unit & Control Unit) ✓
- **C.** D. ଆନାଲିଟିକାଲ ଲଜିକ ୟୁନିଟ & କମ୍ପ୍ୟୁଟର ୟୁଟିଲିଟି (Analytical Logic Unit & Computer Utility)
- **D.** C. ଆରିଥମେଟିକ ଲେଭେଲ ୟୁନିଟ & କଣ୍ଟ୍ରୋଲ ୟୁଟିଲିଟି (Arithmetic Level Unit & Control Utility)

**Q82** Computer

MS ପାୱାରପଏଣ୍ଟ 2007 ରେ ୟୁଜରମାନେ କେଉଁ ଟ୍ୟାବ ଅଧୀନରେ ଟେମ୍ପଲେଟ ପାଇପାରିବେ?

- **A.** D. ଡିଜାଇନ ଟ୍ୟାବ ✓
- **B.** B. ଆନିମେସନ ଟ୍ୟାବ
- **C.** C. ଟ୍ରାଞ୍ଜିସନ୍ସ ଟ୍ୟାବ
- **D.** A. ରିଭିୟୁ ଟ୍ୟାବ

**Q83** Computer

ଆପଣ __________ କମାଣ୍ଡ ବ୍ୟବହାର କରି MS ୱାର୍ଡ ଡକ୍ୟୁମେଣ୍ଟର ସମସ୍ତ ଟେକ୍ସଟ ସିଲେକ୍ଟ କରିପାରିବେ I

- **A.** C. Ctrl + A ✓
- **B.** A. Ctrl + O
- **C.** B. Ctrl + Y
- **D.** D. Ctrl + Z

**Q84** Computer

ନିମ୍ନଲିଖିତ କେଉଁ କୀବୋର୍ଡ ସର୍ଟକଟ କମାଣ୍ଡ ଓପନ ଥିବା ଆପ୍ଲିକେସନଗୁଡ଼ିକ ମଧ୍ୟରେ ସୁଇଚ କରିବା ପାଇଁ ବ୍ୟବହୃତ ହୁଏ?

- **A.** C. Alt + Ins
- **B.** D. Alt + Del
- **C.** A. Alt + Tab ✓
- **D.** B. Alt + F

**Q85** Computer

MS ୱାର୍ଡରେ ଯଦି ଆପଣ ଟେକ୍ସଟକୁ ରିପ୍ଲେସ କରିବାକୁ ଚାହାଁନ୍ତି, ତେବେ ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ କେଉଁଟି ସଠିକ ଅଟେ?

- **A.** A. ଗୋଟିଏ ୱାର୍ଡ ସିଲେକ୍ଟ କରିବା ପାଇଁ ସେଥିରେ ଲେଫ୍ଟ-କ୍ଲିକ କରନ୍ତୁ I
- **B.** B. ଗୋଟିଏ ୱାର୍ଡ ସିଲେକ୍ଟ କରିବା ପାଇଁ ସେଥିରେ ଡବଲ-କ୍ଲିକ କରନ୍ତୁ I ✓
- **C.** D. ଏକ ଲାଇନ ସିଲେକ୍ଟ କରିବା ପାଇଁ ତା'ର ଡାହାଣ ପଟେ କ୍ଲିକ କରନ୍ତୁ I
- **D.** C. ଗୋଟିଏ ୱାର୍ଡ ସିଲେକ୍ଟ କରିବା ପାଇଁ ସେଥିରେ ରାଇଟ-କ୍ଲିକ କରନ୍ତୁ I

**Q86** Computer

________ ଏକ ପ୍ଲାଟଫର୍ମ ଅଟେ ଯାହା ମୁଖ୍ୟତଃ ପ୍ରୋଫେସନାଲ କମ୍ୟୁନିକେଶନ ଏବଂ ନେଟୱାର୍କିଂ ପାଇଁ ବ୍ୟବହୃତ ହୁଏ I

- **A.** B. YouTube
- **B.** A. SnapChat
- **C.** C. TikTok
- **D.** D. LinkedIn ✓

**Q87** Computer

ନିମ୍ନଲିଖିତ ଡିଭାଇସଗୁଡ଼ିକ ମଧ୍ୟରୁ କେଉଁଟି ମୁଖ୍ୟତଃ କମ୍ପ୍ୟୁଟରରେ ଟେକ୍ସଟ ଏବଂ କମାଣ୍ଡ ଏଣ୍ଟର କରିବା ପାଇଁ ବ୍ୟବହୃତ ହୁଏ?

- **A.** D. ଜୟଷ୍ଟିକ
- **B.** A. ପ୍ରିଣ୍ଟର
- **C.** B. କୀବୋର୍ଡ ✓
- **D.** C. ସ୍ପିକର

**Q88** Computer

ଏକ ସ୍ପ୍ରେଡସିଟରେ ଏକ ସେଲ ଆଡ୍ରେସ କ'ଣ ଦର୍ଶାଏ?

- **A.** A. ଫାଇଲ ର ମେମୋରୀ ଲୋକେସନ
- **B.** C. ସିଟ ର ରେଫରେନ୍ସ ନମ୍ବର
- **C.** B. ଏକ କମ୍ପୁଟରର IP ଆଡ୍ରେସ
- **D.** D. କଲମ ଲେଟର ଓ ରୋ' ନମ୍ବରର କମ୍ବିନେସନ ✓

**Q89** Computer

ଇଣ୍ଟରନେଟ୍ କମୁନିକେଶନରେ, କେଉଁ ସର୍ଭର ଡୋମେନ ନାମକୁ IP ଆଡ୍ରେସରେ ଅନୁବାଦ କରେ?

- **A.** B. DNS (ଡୋମେନ୍ ନେମ ସିଷ୍ଟମ) ✓
- **B.** D. VoIP (ଭଏସ ଓଭର ଇଣ୍ଟରନେଟ୍ ପ୍ରୋଟୋକଲ)
- **C.** A. SMTP (ସିମ୍ପଲ ମେଲ ଟ୍ରାନ୍ସପୋର୍ଟ ପ୍ରୋଟୋକଲ)
- **D.** C. FTP (ଫାଇଲ ଟ୍ରାନ୍ସଫର ପ୍ରୋଟୋକଲ)

**Q90** Computer

MS ଏକ୍ସେଲ 2010 ରେ କେଉଁ ଏକ୍ସେଲ ଫଙ୍କସନ ଚେକ କରେ ଯେ କୌଣସି ସର୍ତ୍ତ ସତ୍ୟ ଅଟେ ନା ମିଥ୍ୟା?

- **A.** A. VLOOKUP
- **B.** B. IF ✓
- **C.** D. ISNUMBER
- **D.** C. TRUE

Blackbook Vocabulary — Now in the App! ▶ Download Now on Google Play

**Q91** Reasoning

S, I, L, E, C, O, ଏବଂ N ଏକ ବୃତ୍ତାକାର ଟେବୁଲ ଚାରିପାଖରେ କେନ୍ଦ୍ରକୁ ମୁହଁ କରି ବସିଛନ୍ତି ।
N ଙ୍କ ଠିକ ବାମ ପାର୍ଶ୍ୱରେ C ବସିଛନ୍ତି ଏବଂ N ଙ୍କ ଠିକ ଡାହାଣ ପାର୍ଶ୍ୱରେ O ବସିଛନ୍ତି । O ଓ I ଙ୍କ ମଧ୍ୟରେ କେବଳ ଜଣେ ବ୍ୟକ୍ତି ବସିଛନ୍ତି । I ଙ୍କ ନିକଟତମ ପଡ଼ୋଶୀ S ଓ L ଅଟନ୍ତି । C ଙ୍କ ଠିକ ବାମ ପାର୍ଶ୍ୱରେ କିଏ ବସିଛନ୍ତି?

- **A.** B. E ✓
- **B.** C. S
- **C.** A. N
- **D.** D. L

**Q92** Reasoning

Q ହେଉଛି L ର ଭାଇ । M ହେଉଛି Q ର ଭଉଣୀ । N ହେଉଛି Q ର ମା, ଯିଏ P ର ବାପା । P ହେଉଛି Q ର ଏକମାତ୍ର ପୁଅ । ତେବେ P N ସହିତ କିପରି ସମ୍ପର୍କିତ?

- **A.** B. ଭାଇର ଝିଅ
- **B.** D. ପୁଅର ପୁଅ ✓
- **C.** A. ପୁଅ
- **D.** C. ଝିଅ

**Q93** Reasoning

ଏକ ନିର୍ଦ୍ଦିଷ୍ଟ କୋଡ୍ ଭାଷାରେ 'FOUR' କୁ '7542' ଭାବରେ ଏବଂ 'RENT' କୁ 1436' ଭାବରେ କୋଡ୍ କରାଯାଇଛି ।
ପ୍ରଦତ୍ତ କୋଡ୍ ଭାଷାରେ 'R' ପାଇଁ କୋଡ୍ କ'ଣ ହେବ?

- **A.** C. 1
- **B.** A. 2
- **C.** D. 3
- **D.** B. 4 ✓

**Q94** Reasoning

P, B, K, L, T, G ଏବଂ V ଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର ଏକ ସପ୍ତାହର ଭିନ୍ନ ଭିନ୍ନ ଦିନରେ ପରୀକ୍ଷା ଅଛି, ଯାହା ସୋମବାର ଠାରୁ ଆରମ୍ଭ ହୋଇ ସେହି ସପ୍ତାହର ରବିବାରରେ ଶେଷ ହୁଏ । P ପରେ କେବଳ ଜଣକର ପରୀକ୍ଷା ଅଛି । T ଏବଂ P ମଧ୍ୟରେ କେବଳ ଜଣେ ବ୍ୟକ୍ତିଙ୍କ ପରୀକ୍ଷା ଅଛି । V ପୂର୍ବରୁ ଓ K ପରେ L ର ପରୀକ୍ଷା ଅଛି । T ପରେ ଓ G ପୂର୍ବରୁ B ର ପରୀକ୍ଷା ଅଛି । L ଓ P ମଧ୍ୟରେ କେତେ ଜଣଙ୍କ ପରୀକ୍ଷା ଅଛି?

- **A.** B. ତିନି ✓
- **B.** C. ଚାରି
- **C.** A. ଦୁଇ
- **D.** D. ଏକ

**Q95** Reasoning

ଇଂରାଜୀ ବର୍ଣ୍ଣମାଳା କ୍ରମ ଆଧାରରେ ପ୍ରଦତ୍ତ ଅନୁକ୍ରମରେ ପ୍ରଶ୍ନଚିହ୍ନ (?) ସ୍ଥାନରେ କ'ଣ ହେବ?

CUM YQI UME QIA ?

- **A.** B. MEW ✓
- **B.** A. MWE
- **C.** D. MER
- **D.** C. MRE

**Q96** Reasoning

ନିମ୍ନରେ ପ୍ରଦତ୍ତ ଦୁଇଟି ଯୋଡ଼ି ଯେଉଁ ଢାଞ୍ଚା ଅନୁସରଣ କରନ୍ତି, ସେହି ସମାନ ଢାଞ୍ଚା ଅନୁସରଣ କରୁଥିବା ଯୋଡ଼ିକୁ ଚୟନ କର । ଉଭୟ ଯୋଡ଼ି ସମାନ ଢାଞ୍ଚା ଅନୁସରଣ କରନ୍ତି ।

SEN : VHR
YKV : BNZ

- **A.** B. EQD : HTH ✓
- **B.** C. NZP : QDT
- **C.** D. INE : KPI
- **D.** A. RMP : TQT

**Q97** Reasoning

ଯଦି '+' ଏବଂ '−' କୁ ପରସ୍ପର ମଧ୍ୟରେ ଅଦଳବଦଳ କରାଯାଏ, ଏବଂ '×' ଏବଂ '÷' କୁ ପରସ୍ପର ମଧ୍ୟରେ ଅଦଳବଦଳ କରାଯାଏ, ତେବେ ନିମ୍ନଲିଖିତ ସମୀକରଣରେ ପ୍ରଶ୍ନ ଚିହ୍ନ (?) ସ୍ଥାନରେ କ'ଣ ହେବ?

$31 \div 5 + 36 \times 6 - 1 = ?$

- **A.** D. 150 ✓
- **B.** B. 160
- **C.** C. 170
- **D.** A. 180

**Q98** Reasoning

ଇଂରାଜୀ ବର୍ଣ୍ଣମାଳା କ୍ରମ ଆଧାରରେ ନିମ୍ନଲିଖିତ ଚାରୋଟି ଅକ୍ଷର-ପୁଞ୍ଜ ଯୋଡି ମଧ୍ୟରୁ ତିନୋଟି ଏକ ନିର୍ଦ୍ଦିଷ୍ଟ ଉପାୟରେ ସଦୃଶ ଅଟନ୍ତି ତେଣୁ ଏହିପରି ଏକ ଗୋଷ୍ଠୀ ଗଠନ କରନ୍ତି । କେଉଁଟି ସେହି ଗୋଷ୍ଠୀର ଅନ୍ତର୍ଭୁକ୍ତ ନୁହେଁ?
(ଦ୍ରଷ୍ଟବ୍ୟ: ଅସାମଞ୍ଜସ୍ୟଟି ବ୍ୟଞ୍ଜନବର୍ଣ୍ଣ/ସ୍ୱରବର୍ଣ୍ଣ ସଂଖ୍ୟା କିମ୍ବା ଅକ୍ଷର ପୁଞ୍ଜରେ ସେମାନଙ୍କର ସ୍ଥିତି ଉପରେ ଆଧାରିତ ନୁହେଁ)

- **A.** C. DF–FK ✓
- **B.** A. CE–FH
- **C.** D. TV–WY
- **D.** B. AC–DF

Blackbook Vocabulary — Now in the App! ► Download Now on Google Play

**Q99** Reasoning

ପ୍ରଦତ୍ତ ବିବୃତି ଓ ନିଷ୍କର୍ଷଗୁଡିକୁ ଧ୍ୟାନର ସହିତ ଅଧ୍ୟୟନ କରନ୍ତୁ । ଏହା ସାଧାରଣତଃ ଜଣାଶୁଣା ତଥ୍ୟ ଠାରୁ ଭିନ୍ନ ମନେହେଲେ ସୁଦ୍ଧା ବିବୃତିରେ ପ୍ରଦତ୍ତ ତଥ୍ୟ କୁ ସତ୍ୟ ବୋଲି ବିବେଚନା କରନ୍ତୁ ଏବଂ ପ୍ରଦତ୍ତ ବିବୃତି (ଗୁଡିକୁ) କୁ ତର୍କସଙ୍ଗତ ଭାବରେ କେଉଁ ନିଷ୍କର୍ଷ (ଗୁଡିକ) ଅନୁସରଣ କରୁଛି ତାହା ନିର୍ଣ୍ଣୟ କରନ୍ତୁ ।
ବିବୃତି: କିଛି ଆଇରନ କପର ଅଟେ । କୌଣସି କାପର ଲିଡ ନୁହେଁ ।
ନିଷ୍କର୍ଷ I: କିଛି ଆଇରନ ଲିଡ ଅଟେ
ନିଷ୍କର୍ଷ II: କୌଣସି ଲିଡ ଆଇରନ ନୁହେଁ

- **A.** D. କେବଳ ନିଷ୍କର୍ଷ (I) ଠିକ ଅଟେ
- **B.** A. କେବଳ ନିଷ୍କର୍ଷ (II) ଠିକ ଅଟେ
- **C.** B. ନିଷ୍କର୍ଷ (I) କିମ୍ବା (II) କୌଣସିଟି ଠିକ ନୁହେଁ ✓
- **D.** C. ଉଭୟ ନିଷ୍କର୍ଷ (I) ଏବଂ (II) ଠିକ ଅଟେ

**Q100** Reasoning

ଶବ୍ଦ DOUCHEYର ପ୍ରତ୍ୟେକ ସ୍ୱରବର୍ଣ୍ଣକୁ ଇଂରାଜୀ ବର୍ଣ୍ଣମାଳା କ୍ରମରେ ଏହାର ଠିକ ପରବର୍ତ୍ତୀ ଅକ୍ଷରରେ ପରିବର୍ତ୍ତନ କରାଯାଏ ଏବଂ ପ୍ରତ୍ୟେକ ବ୍ୟଞ୍ଜନବର୍ଣ୍ଣକୁ ଇଂରାଜୀ ବର୍ଣ୍ଣମାଳା କ୍ରମରେ ଏହାର ଠିକ ପୂର୍ବବର୍ତ୍ତୀ ଅକ୍ଷରରେ ପରିବର୍ତ୍ତିତ କରାଯାଏ । ଏହିପରି ଗଠିତ ଅକ୍ଷର ସମୂହରେ କେତେଟି ଅକ୍ଷର ଠିକ୍ ଦୁଇଥର ରହିବ?

- **A.** D. 0 ✓
- **B.** C. 1
- **C.** A. 2
- **D.** B. 3

Blackbook Vocabulary — Now in the App! ► Download Now on Google Play